## ସଂକ୍ଷେପରେ



### ବିଜେଡିର ମିଶ୍ରଣ ପର୍ବ

**ମୁନିଗୁଡ଼ା,୬।୩(ଡି.ଏନ୍.ଏ.):** ମୁନିଗୁଡ଼ାର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ମୁନିଗୁଡା ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁନିଗୁଡ଼ା ସମିତି ସଭ୍ୟା ଲବଣି ପାଣିଗ୍ରାହୀ, ଭୌରବଗଡ଼ ପଞ୍ଚାୟତ ସମିତି ସଭ୍ୟା ଯମୁନା ମାଝି ଓ ମୁନିଗୁଡ଼ା ପୂର୍ବତନ ସରପଞ୍ଚ ପ୍ରମିଳା କାଡ୍ରାକା ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସମର୍ଥକ ବିଜେଡିରେ ମିଶିଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀ ବିଧାୟକ ଜଗନ୍ନାଥ ସାରକା ଓ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ ଏମାନଙ୍କୁ ପୁଷ୍ପଗୁଚ୍ଛ ଓ ବିଜେଡି ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ।

### ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ, ଭିଭିପାଟ୍ ସଚେତନତା



**ଗୁଣପୁର,୬।୩(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁରରେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ, ଭିଭିପାଟ ସଚେତନତା ରଥ ବୁଧବାର ଉଦ୍‌ଘାଟିତ ହୋଇଛି। ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବୁଥକୁ ଯାଇ ଭୋଟରଙ୍କୁ ସଚେତନ କରାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଗାୟତ୍ରୀ ଦେବୀ, ସହକାରୀ ଉପଜିଲାପାଳ ରିନା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**କୋଲନରା, ୬।୩ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କୋଲନରା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋଲନରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରି, ଉପାଧ୍ୟକ୍ଷ ତେଜରାଜ ନାଗ, ବିଡିଓ ତାପସ ଭୋଇ, ଏବିଡ଼ିଓ କେ. ଶିବ ଗୋପାଳରାଓ, କୋଲନରା ସରପଞ୍ଚ ମଞ୍ଜୁଳା ଉଲ୍ଲାକା, ଡବ୍ଲ୍ୟୁଇଓ ସିଦ୍ଧାର୍ଥ ପଟ୍ଟନାୟକ, ଯନ୍ତ୍ରୀ ୱାଇ.ଏସ୍.ପି. ରାଓ, ବିସ୍‌ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ଯୁବବାହିନୀର ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ଏବିଡ଼ିଓ ସଭା ପରିଚାଳନା କରିଥିଲେ। ନୂତନ ଭାବେ ମଧୁବାବୁ ପେନ୍‌ସନ୍ ପାଇବା ପାଇଁ ଚିହ୍ନଟ ହୋଇଥିବା କୋଲନରାର ୪୩ ଜଣ ଓ ମୁକୁନ୍ଦପୁର ପଞ୍ଚାୟତର ୨୬ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବିଜୁ ଯୁବବାହିନୀକୁ ଖେଳ ଉପକରଣ ଦିଆଯାଇଛି।

### ଉଜ୍ଜ୍ୱଳ, ଉତ୍ଥାନ ତାଲିମ ଶିବିର

**ରାୟଗଡା ଅଫିସ୍, ୬।୩:** ରାୟଗଡା ବ୍ଲକରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଉଜ୍ଜ୍ୱଳ, ଉତ୍ଥାନ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ତାଲିମ ଶିବିରକୁ ବିଇଓ ରଜନୀକାନ୍ତ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଶିବିରରେ ରାୟଗଡା ବ୍ଲକ ଓ ମ୍ୟୁନିସିପାଲିଟି ବିଦ୍ୟାଳୟର ମୋଟ ୧୩୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି ବୋଲି ଉଜ୍ଜ୍ୱଳ ତାଲିମ ଦାୟିତ୍ୱରେ ଥିବା ଏବିଇଓ ଅଙ୍ଗରାୟୀ ଶବର ଓ ଉତ୍ଥାନ ତାଲିମ ଦାୟିତ୍ୱରେ ଥିବା ଏବିଇଓ ବଳରାମ ହୁଇକା, ଏବିଇଓ ନିରଞ୍ଜନ ଶତପଥୀ ସୂଚନା ଦେଇଛନ୍ତି। ସିଆର୍‌ସିସି ନରେଶ ସିଂ, ଦୀପକ ରାଉତ, ତ୍ରିନାଥ ପଣ୍ଡା, ରାଜେଶ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ତାଲିମ କେନ୍ଦ୍ରରେ ନିତ୍ୟାନନ୍ଦ ପଟ୍ଟନାୟକ, ଟୁନା ସ୍ୱାଇଁ, ସସ୍ମିତା ମିଶ୍ର, ବିଶ୍ୱନାଥ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି।



## ■ ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

# ଅର୍ଥ ଆତ୍ମସାତ୍ କରୁଛନ୍ତି ଜିଆର୍‌ଏସ୍



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ରଘୁବାରୀ ପଞ୍ଚାୟତବାସୀ।

**ରାୟଗଡା ଅଫିସ୍, ୬।୩**

ମୁନିଗୁଡା ବ୍ଲକ ରଘୁବାରୀ ପଞ୍ଚାୟତର ଜିଆର୍‌ଏସ୍ ମନମୁଖୀ କାର୍ଯ୍ୟ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ। ଏହାର ତୁରନ୍ତ ସମାଧାନ କରିବାକୁ ବୁଧବାର ପଞ୍ଚାୟତର ଖଲିଆଖଡା, ସିଲବୁଡି, ଝରଣି, ଭାଲିଆପଦର, ହରିପୁର, ଝଡିଗାଁ, ବେଡାଗାଁ, ଉମ୍ରେର ଗ୍ରାମବାସୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ପଞ୍ଚାୟତକୁ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି। କିନ୍ତୁ ଜନୈକ ଜିଆର୍‌ଏସ୍ ଏହି ଅର୍ଥ ଆତ୍ମସାତ୍ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଇନ୍ଦିରାଆବାସ ଓ ବିଜୁ ପକ୍କା ଘର କରେଇ ଦେବାକୁ କହି ଜିଆର୍‌ଏସ୍ ଜଣଙ୍କ ହିତାଧିକାରୀଙ୍କଠାରୁ ୧୦ହଜାର ଓ ୧୫ହଜାର ଟଙ୍କା ଲାଞ୍ଚ ନେଇଥାନ୍ତି । ଟଙ୍କା ନଦେଲେ ଗୃହ ଦିଆଯିବ ନାହିଁ ବୋଲି ଜୋରଜବରଦସ୍ତ ଅର୍ଥ ଆଦାୟ କରନ୍ତି। ଘରର ଅଧାପନ୍ତରିଆ କାମ କରାଇ ନିର୍ମାଣ ସରିଥିବା ଅନ୍ୟ ଘରର ଫଟୋ ଉଠାଇ ପୂରା ବିଲ୍ ଅର୍ଥ ଆତ୍ମସାତ୍ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତର ଲାଲୁ ମାଝିଙ୍କ ଆବାସ ଗୃହର କେବଳ ମୂଳଦୁଆ ପଡିଛି, କିନ୍ତୁ ସେହି ଗୃହର ସମ୍ପୂର୍ଣ୍ଣ ବିଲ୍ ପାସ୍ କରି ଜିଆର୍‌ଏସ୍ ଜଣଙ୍କ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସେହିପରି ପଦୁ ଛାତିଙ୍କ ଇନ୍ଦିରାଆବାସ ଗୃହ ସମ୍ପୂର୍ଣ୍ଣ ହୋଇଛି ଏବଂ ବିଲ୍ ପାସ୍ କରି ହିତାଧିକାରୀଙ୍କୁ କିଛି ଟଙ୍କା ନଦେଇ ଜିଆର୍‌ଏସ୍ ସବୁ ଟଙ୍କା ନେଇ ଯାଇଛନ୍ତି। ଲାଲଚନ ସୁନାଙ୍କୁ ଇନ୍ଦିରାଆବାସ ଗୃହ ଦେବି କହି ଜିଆର୍‌ଏସ୍ ୨୦ହଜାର ଟଙ୍କା ଲାଞ୍ଚ ନେଇଛନ୍ତି। ଏହିପରି ଗ୍ରାମର ଅନେକ ହିତାଧିକାରୀଙ୍କ ଠାରୁ ଜିଆର୍‌ଏସ୍ ଲାଞ୍ଚ ନେଇଥିବା ଓ ମୋ ପୋଖରୀ ଫାର୍ମ ଫଣ୍ଡ ଯୋଜନା ଆଦିରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ନୀଳକଣ୍ଠ ନାଗ, କିନ୍ଦୁର ମାଝି, ଖଦିରାମ ଡଙ୍ଗରୀ, କୁସୁମା କରକରିଆ, ଗୋବିନ୍ଦ ଗାଡକା, ରାଜୁ ବେହେରା, ଲୋକଲା ବେହେରା, ଲିଟୁ ମାଝୀ, ଦିଲ୍ଲୀପ ନାଗ, ବାଟି ସୁନା, ବେଲଚନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମିନି ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ

**ମୁନିଗୁଡ଼ା, ୬।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ାରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥିଭାବେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ସମ୍ମାନିତ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୁରୋହିତ ନିକୁଞ୍ଜ ଶତପଥୀଙ୍କ ପୌରୋହିତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ଦୀର୍ଘ ଦିନ ଧରି ମୁନିଗୁଡ଼ାରେ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଆଜିଠାରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଆଗାମୀ ଦିନରେ ଖେଳାଳିଙ୍କୁ ଏହା ଭଲ ପ୍ଲାଟଫର୍ମ ଦେବ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ଲାବଣ୍ୟା ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ପ୍ରମିଳା କାଡ୍ରାକା, ମୁନିଗୁଡ଼ା କ୍ରିକେଟ ଆସୋସିଏଶନ ଚେୟାରମ୍ୟାନ ଅନିଲ ତାରିଣୀ, ସଭାପତି ନନ୍ଦ କିଶୋର ପଟ୍ଟନାୟକ, ଉପସଭାପତି ଜି.କୁମାର ରାଜୁ, ଘନଶ୍ୟାମ ମାର୍ଥା, ପ୍ରଶାନ୍ତ ପରିଚ୍ଛା, ବ୍ଲକ କନିଷ୍ଠ ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରାଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରରେ ଚନ୍ଦ୍ରପୁର ଶିକ୍ଷକ ସମ୍ବର୍ଦ୍ଧିତ




ଗିରିଧର ଗମାଙ୍ଗ ଶିକ୍ଷକ ଚକ୍ରପାଣି ରତ୍ନାଲୁଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

**ଚନ୍ଦ୍ରପୁର, ୬।୩(ଡି.ଏନ୍.ଏ.)**

ଚନ୍ଦ୍ରପୁରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚକ୍ରପାଣି ରତ୍ନାଲୁ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ପଞ୍ଚାୟତିରାଜ ଦିବସ ଅବସରରେ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଆନ୍ତର୍ଜାତିକ ଓଡ଼ିଶା ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ଜଣେ ଉତ୍ତମ ଶିକ୍ଷକ ଭାବେ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମୟରେ କଣ୍ଠଶିଳ୍ପୀ ତପୁ ମିଶ୍ର, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ମନୋରଞ୍ଜନ ପାଣିଗ୍ରାହୀ, ଡାକ୍ତର ଅଶୋକ ମହାପାତ୍ର, ବ୍ରଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପର୍ବତ ଆରୋହଣ, ପାରାସେଲିଂ କାର୍ଯ୍ୟକ୍ରମ

**ଗୁଣପୁର,୬।୩(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର, କ୍ରୀଡା ମନ୍ତ୍ରଣାଳୟ ଏବଂ ଜାତୀୟ ଦୁଃସାହସିକ ପ୍ରତିଷ୍ଠାନ ପକ୍ଷରୁ ବୁଧବାର ପର୍ବତ ଆରୋହଣ ଏବଂ ପାରାସେଲିଂ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ରେଗେଡା ପଞ୍ଚାୟତ ସମିତି ସଭ୍ୟ ବାଳି ଗମାଙ୍ଗ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ କୁଳପତି ଡ. କେ.ସେଣ୍ଟିଲ କୁମାର, କାର୍ଯ୍ୟକ୍ରମ ଆବାହକ ପ୍ରଫେସର ତୁଷାର କାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଜାତୀୟ ଦୁଃସାହସିକ ପ୍ରତିଷ୍ଠାନ ନିର୍ଦ୍ଦେଶକ ରବୀନ୍ଦ୍ର ଭୂୟାଁ ପ୍ରଶିକ୍ଷଣ ଦେଇଥିଲେ। ୧୨୦ ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ।



ଛାତ୍ରୀଛାତ୍ରମାନେ ପାରାସେଲିଂ କରୁଛନ୍ତି।

## ଇଟା ଭାଟିରେ ନିର୍ଯାତିତ ୧୧ ଦାଦନ ଉଦ୍ଧାର

**ଫୁଲବାଣୀ ଅଫିସ, ୬।୩**

ଇଟାଭାଟିରେ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହୋଇଥିବା ବଲାଙ୍ଗୀର ଜିଲାର ୧୧ ଦାଦନ ଶ୍ରମିକଙ୍କୁ ଫୁଲବାଣୀ ପୋଲିସ ଉଦ୍ଧାର କରିଛି । ସେମାନଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରାଯିବା ପରେ ନିଜ ଗ୍ରାମକୁ ପଠାଯିବା ବନ୍ଦୋବସ୍ତ କରାଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଡୁମୁରିପାଲି ଗ୍ରାମର ୪ ପରିବାରର ୧୧ ଜଣଙ୍କୁ ଗଞ୍ଜାମ ଜିଲା ଭଞ୍ଜନଗରର ଜଣେ ଇଟାଭାଟି ମାଲିକ ଡିସେମ୍ବରରୁ କାମ କରାଇବାକୁ ଆଣିଥିଲେ । ଭଞ୍ଜନଗର ନିକଟସ୍ଥ ହାତୀଗଡ଼ଠାରେ ସେମାନଙ୍କୁ ଇଟା ତିଆରି କାମରେ ନିୟୋଜିତ କରିଥିଲେ । ମାଲିକ ପ୍ରତି ପରିବାରକୁ ୫ ହଜାର ଟଙ୍କା ଲେଖାଏ ଅଗ୍ରୀମ ଦେଇଥିଲେ । ପରେ ପରିବାର ପିଛା ସପ୍ତାହକୁ ମାତ୍ର ୫୦୦ ଟଙ୍କା ଦେଉଥିଲେ ବୋଲି ଉଦ୍ଧାର ଶ୍ରମିକମାନେ କହିଛନ୍ତି। ଅନେକ ଦିନ ନିର୍ଯାତିତ ହେବା ପରେ ଶ୍ରମିକମାନେ ମଙ୍ଗଳବାର ସନ୍ଧ୍ୟାରେ କୌଣସି ପ୍ରକାରେ ସେଠାରୁ ଖସି ଆସିଥିଲେ। ଏକ ବେସରକାରୀ ବସରେ ସେମାନେ ବଲାଙ୍ଗୀର ଫେରୁଥିଲେ। ଇଟାଭାଟି ମାଲିକ କୌଣସି ସୂତ୍ରରୁ ଖବରପାଇ ବାଇକରେ କିଛି ସହଯୋଗୀଙ୍କୁ ଧରି ଉକ୍ତ ବସର ପିଛା କରିଥିଲେ। ବସ ଚାଳକ ଏହା ଜାଣିପାରି ବସକୁ ଫୁଲବାଣୀ ଟାଉନ ଥାନା ଆଗରେ ରଖି ଶ୍ରମିକମାନଙ୍କୁ ଓହ୍ଲାଇଥିଲେ। ଟାଉନ ଥାନା ପୋଲିସ ଶ୍ରମିକମାନଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରିଥିଲା। ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରମିକମାନଙ୍କୁ ବଲାଙ୍ଗୀର ଜିଲାକୁ ପଠାଯିବା ବ୍ୟବସ୍ଥା କରାଯାଇଛି।

## ଶିକ୍ଷଣ ଅଭିବୃଦ୍ଧି ତାଲିମ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

**ଚନ୍ଦ୍ରପୁର, ୬।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ପାଣ୍ଡାଖାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଉଜ୍ଜ୍ୱଳ କାର୍ଯ୍ୟକ୍ରମ କରାଯାଇଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ବୋଲି ଡାଙ୍ଗସୋରଡ଼ା କ୍ଲଷ୍ଟର ସିଆର୍‌ସିସି ଦିଲ୍ଲୀପ ଶବର କହିଛନ୍ତି। ଏହି କାର୍ଯ୍ୟକ୍ରମ ୪ଦିନ ଧରି ଚାଲିବ। ଏଥିରେ ୪୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଛନ୍ତି। ସୀମାଞ୍ଚଳ ପାଢ଼ୀ, କମଳ ପାତ୍ର, ତ୍ରିପତି ଗଙ୍ଗା, ନିରଞ୍ଜନ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦେଇଥିଲେ।

## ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ରାୟଗଡା ଅଫିସ୍, ୬।୩**

ପାଟ୍ରୋଲିଂ ବେଳେ ରେଲୱେ ପୋଲିସ ବୁଧବାର ରାୟଗଡା ରେଳ ଷ୍ଟେଶନରୁ ୨୧କେଜି ୯୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଛତିଶଗଡର ମହାସମୁନ୍ଦର ମହମ୍ମଦ ମୁଜାହିଦ୍ଦିନ କୁରେଶି। ଅଭିଯୁକ୍ତ ଜଣଙ୍କ ଉକ୍ତ ଗଞ୍ଜେଇକୁ ଦିଲ୍ଲୀ ନେଇ ଯାଉଥିଲେ। ପ୍ରକାଶ ଯେ, ସକାଳ ୯.୮୩୦ରେ ମୁଜାହିଦ୍ଦିନ ବିଶାଖାପାଟଣା-ନିଜାମୁଦ୍ଦିନ ସମତା ଏକ୍ସପ୍ରେସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ଅଶୋକ କୁମାର ନାଏକ ଓ ଆର୍‌ପିଏଫ୍‌ର ଡି.ଏନ୍ ତିଲକ ମୁଜାହିଦ୍ଦିନଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ତାଙ୍କ ଠାରୁ ୨ଟି ବ୍ୟାଗରେ ୨୧କେଜି ୯୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଶିବ ପ୍ରସାଦ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ଏନେଇ ୬/୧୯ରେ ଏକ ମାମଲା ରାଜୁ କରାଯାଇଥିବା ଜିଆର୍‌ପି ଡିଏସ୍‌ପି କୈଳାସ ଚନ୍ଦ୍ର ବୁରୁଦା ସୂଚନା ଦେଇଛନ୍ତି।



ରାୟଗଡ଼ା ରେଲ୍‌ୱେ ପୋଲିସଙ୍କ ଗହଣରେ ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

## ରାୟଗଡ଼ାର ନୂତନ ଥାନାଧିକାରୀ, ଏସ୍‌ଡିପିଓ

**ରାୟଗଡା ଅଫିସ୍, ୬।୩**

ରାୟଗଡା ଏସ୍‌ଡିପିଓ ଭାବେ ତପନ ନାରାୟଣ ରଥ ଏବଂ ଥାନାଧିକାରୀ ଭାବେ ନୀହାର ରଞ୍ଜନ ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏସ୍‌ଡିପିଓ ରଥ ପୂର୍ବରୁ କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଥାନାଧିକାରୀ ପ୍ରଧାନ ବ୍ରହ୍ମପୁର ଟାଉନ୍ ଥାନାଧିକାରୀ ଦାୟିତ୍ୱରେ ଥିଲେ। ସହରର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଭାବେ ପରିଚାଳନା କରିବା ଆମର



ନିହାର ରଞ୍ଜନ ପ୍ରଧାନ



ତପନ ନାରାୟଣ ରଥ

ପ୍ରାଥମିକତା ରହିବ ବୋଲି ସେମାନେ କହିଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଏସ୍‌ଡିପିଓ ରାଜ କିଶୋର ଦାଶ ଗୁଣପୁର ବଦଳି ହୋଇଥିବା ବେଳେ ରାୟଗଡ଼ା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ଦୋରାଗୁଡାକୁ ବଦଳି କରାଯାଇଛି।

## ଭୋଟର ସଚେତନତା ରଥ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୬।୩**




ଜିଲାପାଳ ପତାକା ଦେଖାଇ ଭୋଟର ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ରାୟଗଡା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ବେହେରା ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରେରିତ ଇଭିଏମ୍-ଭିଭିପାଟ ରଥ ସହ ରାୟଗଡା ବ୍ଲକ ପାଇଁ ଉଦ୍ଦିଷ୍ଟ ୪ଟି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଧାକର ଶବର, ସହକାରୀ ଜିଲାପାଳ ନାରାୟଣ ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡା ବିଡିଓ ରାଜେନ୍ଦ୍ର ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରାୟଗଡା ପୌର ପରିଷଦ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ରାୟଗଡା ଏବିଡିଓ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୁବନେଶ୍ୱରରେ ଗତ ୧୪ତାରିଖରେ ରାଜ୍ୟସ୍ତରୀୟ ଇଭିଏମ୍ ଭିଭିପାଟ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲା ଅତିକ୍ରମକରି ୫ତାରିଖରେ ରାୟଗଡାରେ ପହଞ୍ଚିଛି। ବୁଧବାର ଏହି ରଥ ରାୟଗଡା ପୌରାଞ୍ଚଳର ନୂଆ ବସ୍‌ଷ୍ଟାଣ୍ଡ, ଶାରଳା ଛକ, ରାୟଗଡା ବ୍ଲକର ଗୁମ୍ମା ଓ କାଶୀପୁରରେ ଭିଭିପାଟର ବ୍ୟବହାର, ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ, ଭୋଟଦାନ ଆମ ଅଧିକାର ବିଷୟରେ ଲୋକଙ୍କୁ ସଚେତନ କରିଛି। ଏଥିସହ ଇଭିଏମ୍ ଓ ଭିଭିପାଟର ବ୍ୟବହାର ଅଭ୍ୟାସ ପାଇଁ ମକପୁଲର ବ୍ୟବସ୍ଥା କରାଯାଇଛି। ଗୁମ୍ମା ସଦର ମହକୁମାରେ ଏହି ଅବସରରେ ଏକ ସଚେତନତା ଶିବିର କରାଯାଇଥିଲା। ଗୁମ୍ମା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଇଭିଏମ୍ ମେଶିନ୍‌ରେ ମକପୁଲ କରାଯାଇଥିଲା। ଏହି ରଥ ଗୁରୁବାର ବିଷମକଟକ, କଲ୍ୟାଣସିଂହପୁର, କୋଲନରା ଏବଂ ମୁନିଗୁଡା ଯିବ। ଶୁକ୍ରବାର ଗୁଣପୁରରେ ଏହା ବୁଲିବାର କାର୍ଯ୍ୟକ୍ରମ ରହିଛି। ଶନିବାର ଏହି ରଥ ଗଜପତି ଯିବାର କାର୍ଯ୍ୟକ୍ରମ ରହିଛି।

ଏଥିସହ ବ୍ଲକସ୍ତରରେ ପ୍ରତି ଗ୍ରାମରେ ଭିଭିପାଟ ପ୍ରଦର୍ଶନ କାର୍ଯ୍ୟକ୍ରମ ଚାଲୁ ରହିଥିବା ଜିଲାପାଳ କହିଛନ୍ତି। ମାର୍ଚ୍ଚ ୧୦ତାରିଖରେ ପ୍ରତି ବ୍ଲକ୍, ସବ୍‌ଡିଭିଜନ ଓ ଜିଲାସ୍ତରରେ ନିର୍ବାଚିତ ପ୍ରତିନିଧି ଏବଂ ଖବରଦାତାମାନଙ୍କ ନିମନ୍ତେ ଭିଭିପାଟ ମକପୁଲ ଆୟୋଜନ କରାଯିବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୭ /୨୦୧୯ Rayagada, Thursday, March. 7 / 2019

**ସଂକ୍ଷେପରେ**

## ବୈପାରୀଗୁଡ଼ା ଥାନା ଅଧିକାରୀ ସମ୍ମାନିତ



ବୈପାରୀଗୁଡ଼ା,୬।୩(ଡି.ଏନ୍.ଏ.): ପୋଲିସ୍‌ର ଚାର୍ଜସିଟ୍ ସଠିକ ଭାବେ ହେଉ ନ ଥିବାରୁ ଅନେକ ସମୟରେ ଅପରାଧୀ ଦଣ୍ଡ ପାଇବାରୁ ବର୍ତ୍ତି ଯାଉଛନ୍ତି। ଏଥିପାଇଁ ପୋଲିସଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୁରୁବାର କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଯୋଗ ଦେଇଥିବା ବେଳେ କୋରାପୁଟ ଓ ନବରଙ୍ଗପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ୨ ଜିଲାର ବହୁ ପୋଲିସ ଅଧୀକାରୀ ଉପସ୍ଥିତ ଥିଲେ। କର୍ମଶାଳାରେ ଅପରାଧୀଙ୍କୁ ଦଣ୍ଡ ଦିଆଇବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ବୈପାରୀଗୁଡ଼ା ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କୁ ସମ୍ମାନିତ କରାଯାଇଥିଲା । ୨୦୧୭ରେ ଏକ ମାମଲାରେ ସେ ପଠାଇଥିବା ଚାର୍ଜସିଟ୍ ଆଧାରରେ ୨୦୧୯ରେ କୋର୍ଟ ରାୟ ଆସିଥିଲା । ଅଦାଲତ ୩ ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍ ଓ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଶୁଣାଇଥିଲେ ।

## ମିଶନ ଶକ୍ତି ଋଣ ପାଇଁ ବୈଠକ



ସେମିଲିଗୁଡ଼ା,୬।୩(ସ୍ୱ.ପ୍ର.):ସେମିଲିଗୁଡ଼ା ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନୂତନ ମିଶନ ଶକ୍ତି ଋଣ ଦେବା ପାଇଁ ଏକ ବୈଠକ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍ପି ଝିନ୍ନ ହିକ୍କା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କିପରି ମହିଳା ସଶକ୍ତୀକରଣ କରାଯିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକକୁ ୧୭ଟି ପଞ୍ଚାୟତର ୧୮୦ ଅଙ୍ଗନୱାଡ଼ି କର୍ମୀଙ୍କୁ ଡକାଯାଇଥିଲା। ଋଣ ପାଇଁ ଫର୍ମ ପୂରଣ କରାଯାଇଛି। ଆଗକୁ ବିନା ସୁଧହାରରେ ୩ଲକ୍ଷ ଟଙ୍କା ଲେଖାଏଁ ଋଣ ଦିଆଯିବ। ବୈଠକରେ ସେମିଲିଗୁଡ଼ା ସିଡିପିଓ, କେସିସି ବ୍ୟାଙ୍କ ସୁପରଭାଇଜର ଦିଗାମ୍ବର ନାୟକ, ବିଡିଓ ତ୍ରିନାଥ ମାଝି ଉପସ୍ଥିତ ଥିଲେ।

## ରାସ୍ତାରେ ମୃତ ପକ୍ଷୀ, ବାର୍ଡଫ୍ଲୁ ଆତଙ୍କ

ଜୟପୁର,୬।୩(ନି.ପ୍ର.): ଜୟପୁର ମୁଖ୍ୟରାସ୍ତାରେ କିଛି ଦିନ ହେବ ପକ୍ଷୀ ମରି ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ରଜାନହର ଛକରେ ଥିବା ଆମ୍ବଗଛ ବହୁ ପକ୍ଷୀ ରହୁଥିବା ବେଳେ ପ୍ରତ୍ୟେକ ଦିନ ଗୋଟିଏ ଦୁଇଟି ପକ୍ଷୀ ପ୍ରାଣ ହରାଉଛନ୍ତି। ବୁଧବାର ମଧ ଗୋଟିଏ ପକ୍ଷୀର ମୃତଦେହ ମିଳିଥିଲା। ମୃତ ପକ୍ଷୀକୁ ସ୍ଥାନୀୟ ଭାଷାରେ ସିକୋଡ଼ା କହନ୍ତି । ଏନେଇ ଜଙ୍ଗଲ ବିଭାଗକୁ ଖବର ଦିଆଯାଇଥିଲା । ବିଭାଗ ମୃତପକ୍ଷୀକୁ ନେଇ ପ୍ରାଣୀଧନ ଚିକିତ୍ସା ବିଭାଗକୁ ପରୀକ୍ଷା ପାଇଁ ଦେଇଛି। ସେମାନେ ଏହାକୁ ଭୁବନେଶ୍ୱରକୁ ପଠାଇଥିବା ଡିଏଫ୍‌ଓ ଅଶ୍ୱିନ କୁମାର କର କହିଛନ୍ତି।

■ ଆଜିଠୁ ଯୁକ୍ତ ଦୁଇ ପରୀକ୍ଷା

# ୧୧୩୭ ପରୀକ୍ଷାର୍ଥୀଙ୍କୁ ଜଗିବ ୩୨ ସିସିଟିଭି

କୋରାପୁଟ,୬।୩(ସ୍ୱ.ପ୍ର.)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଗୁରୁବାରଠାରୁ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଆରମ୍ଭ ହେଉଛି। ଏହା ପୂର୍ବରୁ ବୁଧବାର ସରକାରୀ ମହାବିଦ୍ୟାଳୟରେ ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀଙ୍କ ଅଧକ୍ଷତାରେ ଏକ ବୈଠକ ବସି ପରୀକ୍ଷା କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ହୋଇଛି । ପରୀକ୍ଷାର୍ଥୀ ମୋବାଇଲ, ସ୍ମାର୍ଟ ୱାଚ ଓ କପି ନ ଆଣିବା ସହ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଦେବାକୁ କୁହାଯାଇଛି। ପରୀକ୍ଷାରେ କପି ରୋକିବା ପାଇଁ କୋରାପୁଟ ସରକାରୀ ମହାବିଦ୍ୟାଳୟରେ ପ୍ରଥମ ଥର ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି।



କୋରାପୁଟ ସରକାରୀ ମହାବିଦ୍ୟାଳୟରେ ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ବୈଠକ ।

ମହାବିଦ୍ୟାଳୟର ୧୬ଟି ହଲରେ ୩୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଚଳିତ ବର୍ଷ ସରକାରୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୧୩୭ ଜଣ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ଅଧୀକ୍ଷକ ଭାବେ ଡ. ପାଢ଼ୀ, ଉପ ଅଧୀକ୍ଷକ ଭାବେ ଜେ.କେ. ତ୍ରିପାଠୀ, ଗୋବିନ୍ଦ ପ୍ରଧାନ ଓ ଏଚ୍.ବି. ନନ୍ଦ ପରୀକ୍ଷା ପରିଚାଳନା କରିବେ। ଏହି ପରୀକ୍ଷାକେନ୍ଦ୍ରରେ ଯୁକ୍ତ ଦୁଇ ବିଜ୍ଞାନରେ ସରକାରୀ ମହାବିଦ୍ୟାଳୟର ୨୭୯ ଜଣ, କୋରାପୁଟ ଟାଲେନ୍ଟ ମହାବିଦ୍ୟାଳୟର ୨୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି କଳାରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ୨୭୦ ଜଣ, ବାଣିଜ୍ୟରେ ସରକାରୀ ମହାବିଦ୍ୟାଳୟର ୧୩୧ ଜଣ, ବିଜ୍ଞାନ କଲେଜର ୧୬ ଜଣ ପରୀକ୍ଷା ଦେବେ। କୋରାପୁଟ ସରକାରୀ କଲେଜ ହବ୍‌ରୁ ଦଶମନ୍ତପୁର ଆଦିବାସୀ ମହାବିଦ୍ୟାଳୟ, କୋରାପୁଟ ଆମ୍ବେଡକର ଓ ସରକାରୀ ମହିଳା ମହାବିଦ୍ୟାଳୟକୁ ସୁରକ୍ଷା ଭିତରେ ପରୀକ୍ଷା ଦିନ ସକାଳ ୭ଟାରେ ପ୍ରଶ୍ନପତ୍ର ପଠାଯିବ।

## ବିଜେଡି ଛାଡ଼ିଲେ ତ୍ରିପୁରାରୀ ଗରଡ଼ା

■ଜିଲା ଉପସଭାପତି ପଦରୁ ଇସ୍ତଫା

■ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

କୋରାପୁଟ,୬।୩(ସ୍ୱ.ପ୍ର.)

ନିର୍ବାଚନର ଅବ୍ୟବହିତ ପୂର୍ବରୁ ଦଳ ବଦଳ ପ୍ରକ୍ରିୟା ତେଜିଛି। ଏହି କ୍ରମରେ ଏବେ କୋରାପୁଟ ବିଜେଡି ଜିଲା ଉପସଭାପତି ତ୍ରିପୁରାରୀ ଗରଡ଼ା ବୁଧବାର ଦଳରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିବା ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ପ୍ରେସ୍‌କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗରଡ଼ା କହିଛନ୍ତି। ଚାକିରି ଛାଡ଼ି ବିଜେଡିରେ ସାମିଲ ହେବା ପରେ ସେ ଦୀର୍ଘ ୯ ବର୍ଷ ଧରି ଦଳର ବିଭିନ୍ନ କାର୍ଯ୍ୟ ସୁଚାରୁ ରୂପେ ତୁଲାଇ ଆସୁଥିଲେ ମଧ ତାଙ୍କୁ ଉପେକ୍ଷା କରାଯାଉଥିଲା ବୋଲି ସେ କହିଛନ୍ତି। ୨୦୧୪ ନିର୍ବାଚନରେ ତାଙ୍କ ବଦଳରେ ଦଳର ଜଣେ ତଳସ୍ତରର କର୍ମୀଙ୍କୁ ହାଇକମାଣ୍ଡ ଟିକଟ ଦେଇଥିଲେ। ଏହାର ଫଳସ୍ୱରୂପ ଦଳ ପରାଜିତ ହେଲା ବୋଲି ସେ କହିଛନ୍ତି। ୨୦୧୯ରେ ହେବାକୁ ଥିବା ନିର୍ବାଚନରେ ଦଳ ଏଥର ମଧ ତାଙ୍କୁ ଟିକଟ ଦେବନାହିଁ ବୋଲି ଜାଣିବା ପରେ ସେ ନିଜ ପଦବୀ ସହ ଦଳର ପ୍ରାଥମିକ ସଦସ୍ୟତାରୁ ମଧ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ଆଗକୁ କୋରାପୁଟ ଜିଲାର ବିକାଶ ପାଇଁ ସେ କାମ କରିବେ ବୋଲି ଦୃଢ଼ତାର ସହ କହିଛନ୍ତି। ତେବେ ଗରଡ଼ା ବିଜେଡି ଶିବିର ଛାଡ଼ିବା ପରେ ତାଙ୍କର ରାଜନୈତିକ ଗୁରୁ ଜୟରାମ ପାଙ୍ଗିଙ୍କ ପଦାଙ୍କ ଅନୁସରଣ କରି ଭାଜପାରେ ଯୋଗଦେବେ ବୋଲି ଗରଡ଼ାଙ୍କ ନିକଟତମ ମହଲରେ ଚର୍ଚ୍ଚା ଜୋର୍ ଧରିଛି।



## ବିବାହିତ ଯୁବକଙ୍କ ମୃତଦେହ ଉଦ୍ଧାର

ଜୟପୁର,୬।୩(ଡି.ଏନ୍.ଏ/ନି.ପ୍ର.)

ଜୟପୁର ସଦରଥାନା ଆମ୍ବାଗୁଡ଼ା-ରଣ୍ଡାପାଲୀ ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତି ୧୧ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଉଛନ୍ତି ଜୟପୁର ନୂଆସାହି ଭି.ଆଇ.ପି ଲାଇନର ପ୍ରଭାକର ମହାନ୍ତି (୪୮) । ପୋଲିସ ସୂଚନା ଅନୁଯାୟୀ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି । କିନ୍ତୁ ତାଙ୍କ ବାଇକ ନିକଟସ୍ଥ ଏକ ଢାବାରୁ ଉଦ୍ଧାର କରାଯାଇଥିଲା। ରାତିରେ ପରିଚୟ ମିଳି ନଥିବାବେଳେ ବୁଧବାର ପୂର୍ବାହ୍ନରେ ପରିଚୟ ଜଣାପଡ଼ିଥିଲା। ଏହାପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋଲିସ ଏକ ମାମଲା (୫୦/୧୯) ରୁଜୁ କରିଛି।

■ ଦୁଇ ଜିଲାର ପୋଲିସ କର୍ମଶାଳାରେ ଏଡିଜିଙ୍କ ମନ୍ତ୍ର

## 'ତଦନ୍ତରେ ବୈଷୟିକ ପଦ୍ଧତି ଖଟାଅ'

କୋରାପୁଟ,୬।୩(ସ୍ୱ.ପ୍ର.)

ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଗୃହ ବିଭାଗ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ଅଧକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କୋରାପୁଟ ଓ ନବରଙ୍ଗପୁର ଜିଲାର ପୋଲିସ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଡିଜି ଉପାଧାୟ ଯୋଗଦେଇ କହିଥିଲେ, ସଠିକ ତଦନ୍ତ ପାଇଁ ଅଧିକରୁ ଅଧିକ ବୈଷୟିକ କୌଶଳ ବ୍ୟବହାର କର। ସାଇଣ୍ଟିଫିକ୍ ଟିମ୍, ସାଲାଇଭା ଟେଷ୍ଟ, ଡିଏନ୍ଏ ଏଭିଡେନ୍ସ, ହାତ ପାପୁଲି ଏଭିଡେନ୍ସ ଏବଂ ଅନ୍ୟ ବାୟୋଲୋଜିକାଲ ସାମ୍ପୁଲ ବ୍ୟବସ୍ଥା ଉପଯୋଗ କରିବା ଦ୍ୱାରା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ସହଜ ହୋଇପାରିବ। ସେ ନେଇ କର୍ମଶାଳାରେ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଦୋଷୀମାନେ କିପରି ଆପୋଷ ବୁଝାମଣା ନ କରିପାରିବେ, ସେ ନେଇ ସେହିପରି ଏହି କର୍ମଶାଳାରେ ଉପସ୍ଥିତ ପ୍ରସିକ୍ୟୁଟରମାନଙ୍କୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଡିଏସ୍‌ପି ଟି.ଜେ. ରେଡ୍ଡି, ପ୍ରୋବେସନର ଡିଏସ୍‌ପି ସ୍ନେହାଶିଷ ସାହୁ, ଏସ୍‌ଆଇ ଶିବଶଙ୍କର ସାହୁ, ସୁଦର୍ଶନ ନାୟକ, ମୁକୁନ୍ଦ ନାୟକ, ରମେଶ ଦେବତା, ଚିତ୍ତରଞ୍ଜନ ପ୍ରଧାନ, ଶିବ ପ୍ରସାଦ ଷଡ଼ଙ୍ଗୀଙ୍କୁ ନେଇ ରହିଥିବା କୋରାପୁଟ ସ୍ୱତନ୍ତ୍ର ଟାସ୍କଫୋର୍ସକୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ୨୦୧୮ରେ ୫୮ଟି ମାମଲା ରୁଜୁ କରିବା ସହ ୧୧୮ ଜଣଙ୍କ ଗିରଫଦାରୀ, ୧୬ ହଜାର ୫୯୨ କେଜି ଗଞ୍ଜେଇ ଜବତ, ୫୨ଟି ଗାଡ଼ି ଜବତ କରିଥିଲା। ଏହାସହ ୨ଟି ପିଆଇଟି ଏନ୍‌ଡିପିଏସ୍ ୨ଟି ପ୍ରପୋଜାଲ ଦାଖଲ, ମାଛକୁଣ୍ଡ ଅଞ୍ଚଳରେ ୫୭ ଏକର ଗଞ୍ଜେଇ ଚାଷ ନଷ୍ଟ କରିଥିଲା ଏହି ଟାସ୍କଫୋର୍ସ ଟିମ୍। କର୍ମଶାଳାରେ କୋରାପୁଟ ଏସ୍‌ପି କନୱର ବିଶାଳ ସିଂ, ନବରଙ୍ଗପୁର ଏସ୍‌ପି କୁଳଶେଖର ନିତିନ ଡୁଗୁଡୁଙ୍କ ସମେତ ଉଭୟ ଜିଲାର ଡିଏସ୍‌ପି, ଏସ୍‌ଆଇ, ପବ୍ଲିକ ପ୍ରସିକ୍ୟୁଟର ଉପସ୍ଥିତ ଥିଲେ। କୋରାପୁଟ ଡିଏସ୍‌ପି ଉତ୍କଳ ରଞ୍ଜନ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଏଡିଜିଙ୍କ ସହ ପୋଲିସ ଅଧିକାରୀମାନେ ।

## ଯୋଗଦେଲେ ସଦରଥାନା ନୂତନ ଏସ୍‌ଆଇ

ଜୟପୁର,୬।୩(ଡି.ଏନ୍.ଏ.)

ଜୟପୁର ସଦରଥାନା ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି ଏସ୍‌ଆଇ ଧୀରେନ ବେହେରା। ଏହା ପୂର୍ବରୁ ସେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଥିଲେ। ଜୟପୁର ସଦର ଥାନାରେ ଥିବା କୈଳାସ ଚନ୍ଦ୍ର ସେଠୀଙ୍କୁ ନୂଆପଡ଼ା ଜିଲା ବଦଳି କରାଯାଇଥିବା ବେଳେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ସ୍ନେହାଶିଷ ସାହୁଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । କୋରାପୁଟ ଜିଲାରେ ଇନ୍ସପେକ୍ଟର ମରୁଡ଼ି ରହିଥିବା ବେଳେ ଅଧିକାଂଶ ଥାନାରେ ଏସ୍‌ଆଇଙ୍କୁ ଥାନା ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଛି । ଜୟପୁର ସଦରଥାନା ଏକ ସମ୍ବେଦନଶୀଳ ଥାନା ଏବଂ ଏ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢୁଥିବା ଯୋଗୁଁ ଏଠାରେ ଜଣେ ଇନ୍ସପେକ୍ଟର ପାହ୍ୟାର ଥାନା ଅଧିକାରୀ ନିଯୁକ୍ତି ଦେବା ନେଇ ଦାବି ହେଉଛି।

## ମଦ ଜବତ, ୨ ଗିରଫ

ଗୋପାଳପୁର,୬।୩: ଗୋଳନ୍ଥରା ଥାନା ଅଞ୍ଚଳରେ ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ଦୁଇଟି ସ୍ଥାନରେ ପୋଲିସ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି ।

## ବହୁ ପ୍ରତୀକ୍ଷିତ ଫୁଟ୍ ଓଭର ବ୍ରିଜ୍‌ର ଭିତ୍ତିପ୍ରସ୍ତର

ଜୟପୁର,୬।୩(ନି.ପ୍ର./ଡି.ଏନ୍.ଏ.)

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବହୁ ପ୍ରତୀକ୍ଷିତ ଫୁଟ୍ ଓଭର ବ୍ରିଜ୍ (ସଂଯୋଗ କରୁଥିବା ଉପର ପାଦଚଲା ସେତୁ)ର ଭିତ୍ତିପ୍ରସ୍ତର ଦେଇଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି । ଏହି ଅବସରରେ ସେ କହିଛନ୍ତି, ଦକ୍ଷିଣ ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଥିବା ଭିଡି କଲେଜ ଖୁବ୍ ଶୀଘ୍ର ବିଶ୍ୱବିଦ୍ୟାଳୟ ହେବ। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ପଠାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମହାବିଦ୍ୟାଳୟର ଗୋଟିଏ ପଟେ ବିଜ୍ଞାନ ବିଭାଗ ଓ ଅନ୍ୟପଟେ ବାଣିଜ୍ୟ ବିଭାଗ ରହିଥିବା ବେଳେ ମଝିରେ ୨୬ ନଂ ଜାତୀୟ ରାଜପଥ ରହିଛି। ତେଣୁ ଟ୍ରାଫିକ ସମସ୍ୟା ସହ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିଲା। ଏହି କାରଣରୁ ୨ଟି ବ୍ଲକକୁ ଯୋଡ଼ିବା ପାଇଁ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା । ୬୫ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟବରାଦ ହେବାକୁ ଥିବା ଏହି ପ୍ରକଳ୍ପର ଟେଣ୍ଡର ମଧ ସରିଛି। ୨୬ ମିଟର ଲମ୍ବର ଏହି ଲୁହା ସେତୁକୁ ପୂର୍ତ୍ତ ବିଭାଗ ୨ ମାସ ମଧ୍ୟରେ ନିର୍ମାଣ କରିବ । ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଅର୍ଚ୍ଚନା ଆଚାର୍ଯ୍ୟ, ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ, ଏସ୍‌ଡିପିଓ ପଦ୍ମଚରଣ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ବିଜୟ ବେହେରା ଉପସ୍ଥିତ ଥିଲେ।



ବିଧାୟକ ତାରାପ୍ରସାଦ ବାହିନୀପତି ଫୁଟ୍ ଓଭର ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

## ଉତ୍କଣ୍ଠା ବଢ଼ାଇଲାଣି 'କାଳିଆ' ଟଙ୍କା

ଜୟପୁର,୬।୩(ଡି.ଏନ୍.ଏ.)

ଗରିବ, ଭୂମିହୀନ ଚାଷୀ ଓ ଶ୍ରମିକଙ୍କୁ କାଳିଆ ଯୋଜନାରେ ରାଜ୍ୟ ସରକାର ଦେଉଥିବା ଅନୁଦାନ ଜମାଖାତାରେ ଜମା ହେଲାଣି କି ନା, ଏନେଇ ହିତାଧିକାରୀଙ୍କ ଭିତରେ ଉତ୍କଣ୍ଠା ବଢ଼ିଯାଇଛି। ଯେଉଁଥିପାଇଁ ଜୟପୁର ସହରର ବିଭିନ୍ନ ବ୍ୟାଙ୍କରେ 'କାଳିଆ' ହିତାଧିକାରୀଙ୍କ ପ୍ରବଳ ଭିଡ଼ ଲାଗୁଛି। ଫଳରେ ଅନ୍ୟ ସାଧାରଣ ବ୍ୟାଙ୍କ ଉପଭୋକ୍ତା ପ୍ରଭାବିତ ହେଉଛନ୍ତି।

ଗରିବ ଚାଷୀଙ୍କୁ 'କାଳିଆ' ଯୋଜନାରେ ୫ ହଜାର ପ୍ରୋତ୍ସାହନ ରାଶି, ଭୂମିହୀନ ଚାଷୀଙ୍କୁ ୧୨ହଜାର ୫୦୦ ଟଙ୍କା ବିଭିନ୍ନ କିସ୍ତିରେ ଦିଆଯାଉଛି । ତେବେ ଅଧିକାଂଶ ଚାଷୀଙ୍କ ଏଟିଏମ କାର୍ଡ ନ ଥିବା ଏବଂ ଅନେକ ଏହାର ବ୍ୟବହାର ଜାଣି ନଥିବା ଯୋଗୁଁ ଜମାଖାତା ଯାଞ୍ଚ ପାଇଁ ବାରମ୍ବାର ବ୍ୟାଙ୍କ ଦୌଡୁଛନ୍ତି। ଯେଉଁମାନଙ୍କ ଜମାଖାତାରେ ଟଙ୍କା ଆସିଛି, ସେମାନେ ତାହାକୁ ଉଠାଇବା ପାଇଁ ତତ୍ପରତା ଦେଖାଉଛନ୍ତି। ତେଣୁ ବ୍ୟାଙ୍କ କାଉଣ୍ଟର ସମ୍ମୁଖରେ ଲମ୍ବା ଧାଡ଼ି ଲାଗୁଛି। ଜୟପୁର ବ୍ଲକ ବଡଜିଉନା ପଞ୍ଚାୟତର ପୁଷପୁରୀ ଗ୍ରାମର ଚାଷୀ ପ୍ରହଲ୍ଲାଦ ମୁଦୁଲି ଗତ ୧୦ ଦିନରେ ୨ଥର ବ୍ୟାଙ୍କ ଆସି ଜମାଖାତା ଯାଞ୍ଚ କରିଛନ୍ତି ; କିନ୍ତୁ ତାଙ୍କର ପ୍ରୋତ୍ସାହନ ରାଶି ଜମା ହୋଇନାହିଁ। ଅନ୍ତା ପଞ୍ଚାୟତର ବାସୁଦେବ ହରିଜନ କହିଛନ୍ତି, ମୁଁ ଜଣେ ଚାଷୀ ଏବଂ ତାଲିକାରେ ମୋର ନାମ ରହିଥିଲା। ଏଟିଏମ୍ ବ୍ୟବହାର ଜାଣିନି। ଟଙ୍କା ଜମା ହୋଇଛି କି ନାହିଁ, ତାହା ଜାଣିବା ପାଇଁ ବ୍ୟାଙ୍କ୍ ଆସିଛି।



ବ୍ୟାଙ୍କ ଆଗରେ ଧାଡ଼ି ଲଗାଇଥିବା 'କାଳିଆ' ହିତାଧିକାରୀ ।

## ଗାଡ଼ି ଧକ୍କାରେ ଯୁବକ ମୃତ

କୋରାପୁଟ/ନାରାୟଣପାଟଣା, ୬।୩(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର କୁମ୍ଭାରି ନିକଟରେ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଛି। ନାରାୟଣପାଟଣା– ବନ୍ଧୁଗାଁ ରାସ୍ତାର କୁମ୍ଭାରି ଓ ଦଣ୍ଡାବାଡ଼ି ଗ୍ରାମ ମଝିରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଖବର ପାଇ ନାରାୟଣପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ତଦନ୍ତ ଚାଲିଛି। ଏଯାବତ୍ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କର ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଜଣାପଡ଼ିଛି।

## ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ କର୍ମୀ ସମ୍ମିଳନୀ

ସେମିଲିଗୁଡ଼ା,୬।୩(ସ୍ୱ.ପ୍ର.)

ସେମିଲିଗୁଡ଼ା ସ୍କିଲ୍ ଡେଭଲପ୍‌ମେଣ୍ଟ ହଲ୍‌ରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସେମିଲିଗୁଡ଼ା ବ୍ଲକ ଅଧକ୍ଷ ଦିନେଶ ଖରା, ଦଳେଇଗୁଡ଼ା ପଞ୍ଚାୟତ ସମିତି ସଭ୍ୟ ଅନନ୍ତରାମ ମାଟାମ୍, ଘନଶ୍ୟାମ ନାୟକ, ସଦାଶିବ ବାରିକ, ନନ୍ଦପୁର ବ୍ଲକ ପୂର୍ବତନ ଅଧକ୍ଷ ଗୋପାଳ ବେବର୍ତ୍ତା, ପ୍ରୀତମ ପାଢ଼ୀ, ଲକ୍ଷ୍ମଣ ପାଢ଼ୀ ଏବଂ ସୁନାମ ହନ୍ତାଳ ଯୋଗ ଦେଇଥିଲେ । ୨୦୧୯ ନିର୍ବାଚନ ସୁପରିଚାଳନା, ଭୋଟରଙ୍କୁ ନିଜ ଦଳ ପ୍ରତି ଆକୃଷ୍ଟ କରିବା ସହ ନବୀନ ପଟ୍ଟନାୟକଙ୍କ ଉନ୍ନତିମୂଳକ କାର୍ଯ୍ୟ ସବୁ କର୍ମୀମାନେ ଗ୍ରାମାଞ୍ଚଳରେ ପହଞ୍ଚାଇବା ନେଇ ଆଲୋଚନା ହୋଇଥିଲା। ତେବେ କେତେକ ଅସନ୍ତୁଷ୍ଟ କର୍ମୀ ସମ୍ମିଳନୀକୁ ଆସିନଥିଲେ। ୫ ବର୍ଷ ବିତିବା ପରେ ମଧ କୌଣସି କର୍ମୀଙ୍କୁ କୌଣସି କାର୍ଯ୍ୟ ନ ମିଳିବା ଅସନ୍ତୋଷର କାରଣ ବୋଲି ଜଣାପଡ଼ିଛି।



କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ ।

## ନିମ୍ନମାନର ହେଉଛି ନିର୍ମାଣ କାମ

■ଠିକାଦାର-ସରକାରୀ କର୍ମଚାରୀ ମଧୁଚନ୍ଦ୍ରିକା

■ଉପଯୁକ୍ତ ପାଉଣାରୁ ବଞ୍ଚିତ ହେଉଛନ୍ତି ଶ୍ରମିକ

ସେମିଲିଗୁଡ଼ା,୬।୩(ସ୍ୱ.ପ୍ର.)

କୋରାପୁଟ ଜିଲା ଭଳି ଆଦିବାସୀ ଅଧୁଷିତ ଓ ଉପାନ୍ତ ଅଞ୍ଚଳରେ ଉନ୍ନୟନ କାମକୁ ନେଇ ଠିକାଦାର ଓ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଲିଛି। ନିର୍ମାଣ କାମ ନିମ୍ନମାନର ହେଉଥିବା ବେଳେ ସରକାରୀ ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ଉଠିଛି। ସେମିଲିଗୁଡ଼ା ବ୍ଲକ ସୋରିଷପଦର ପଞ୍ଚାୟତରେ ଗାର୍ଡୱାଲ ଓ ନାଳ ନିର୍ମାଣ ସମୟରେ ବ୍ୟବହାର ହେଉଥିବା କଞ୍ଚାମାଲ ନିମ୍ନମାନର ଥିବା ଦେଖିବାକୁ ମିଳିଛି। ଏଭଳି ନିମ୍ନମାନର କାମ ଚାଲିଛି ଯେ ଅଳ୍ପଦିନରେ ତାହା ଭାଙ୍ଗିଯିବା ନିଶ୍ଚିତ ହୋଇଛି। ସିମେଣ୍ଟ– ବାଲି ଭାଗମାଗ କମ୍ ରହୁଛି। କଳା ମୁଗୁନି ପଥର ବଦଳରେ ମାଣ୍ଡିଆ ପଥର (ଯାହାକୁ ହାତରେ ମକଚିଲେ ଭାଙ୍ଗିଯିବ), ଚିକିଲି ବାଲି ବଦଳରେ ମାଟି ବାଲି, ଚାଲୁ ସିମେଣ୍ଟ ବ୍ୟବହାର କରାଯାଉଛି। କୁନ୍ଦୁଲିରୁ କୋଟିଆ ରାସ୍ତା ସୋରିଷପଦର ଡୁମୁରିଗୁଡ଼ା, ଖେଜେରାକଟା, ଖାସୁଗୁଡ଼ା ଗାର୍ଡୱାଲ କାମ ଚାଲିଥିବା ବେଳେ ସେଠାରେ ନିମ୍ନମାନର କାମ କରାଯାଉଥିବା ଦେଖିବାକୁ ମିଳିଛି। ଏହି କାମ ସବୁ ବିନା ଟେଣ୍ଡରରେ ହେଉଥିବା ଯୋଗୁ କାମ ନିମ୍ନମାନର ହେବା ପାଇଁ ସୁଯୋଗ ମିଳୁଛି। ଅନ୍ୟପକ୍ଷରେ ଏଥିରେ କାମ କରୁଥିବା ମଜୁରିଆଙ୍କୁ ଉପଯୁକ୍ତ ପାଉଣା ନଦେଇ ହରଣଚାଲ କରୁଛନ୍ତି ଠିକାଦାର ଓ ସରକାରୀ କର୍ମଚାରୀ। ଏନେଇ ଜିଲା ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କିଶୋର ନନ୍ଦଙ୍କୁ ଯୋଗାଯୋଗ କରିବା ଉଦ୍ୟମ ହୋଇଥିଲେ ମଧ ତାହା ସମ୍ଭବ ହୋଇପାରି ନଥିଲା। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

